**ସଂକ୍ଷେପରେ**

## ବେଆଇନ ପଥର ବୋଝେଇ ଟ୍ରାକ୍ଟର ଜବତ

ବୁଗୁଡ଼ା,୨୪।୮(ଡି.ଏନ.ଏ.): ବୁଗୁଡ଼ା ତହସିଲ ପ୍ରଶାସନ ପକ୍ଷରୁ ତହସିଲ ଅନ୍ତର୍ଗତ ଖୋଲଖାଲି ଠାରେ ମଙ୍ଗଳବାର ବେଆଇନ ପଥର ବୋଝେଇ ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ସକାଳେ ପଥର ବୋଝେଇ ଟ୍ରାକ୍ଟରଟି ଯାଉଥିବା ବେଳେ ଖୋଲଖାଲି ଠାରେ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ତାଙ୍କ କର୍ମଚାରୀମାନେ ଚଢ଼ାଉ କରି ଟ୍ରାକ୍ଟରଟିକୁ ଜବତ କରିବା ସହ ମାଲିକଙ୍କ ଠାରୁ ୧୦ ହଜାର ୪୨୦ ଟଙ୍କା ଜରିମାନା ଆଦାୟ କରିଥିଲେ।

## ଦେଶୀ ମଦ ଜବତ, ୩ ଗିରଫ

ଭଞ୍ଜନଗର,୨୪।୮(ଡି.ଏନ.ଏ):କରୋନା ସମୟରେ ଭଞ୍ଜନଗର ଅଞ୍ଚଳରେ ଚୋରାରେ ନକଲି ଦେଶୀ ଓ ବିଦେଶୀ ମଦ କାରବାର ବଢ଼ିଯାଇଛି। ମଙ୍ଗଳବାର ଭଞ୍ଜନଗର ଅବକାରୀ ଖୁରୁଡୁଗୋଛା, ଡୁଙ୍ଗପଲ୍ଲୀ, ଚଢ଼େୟାପଲ୍ଲୀ, ବାଦୁଆ, ଗଣ୍ଡାଧାର ପ୍ରମୁଖ ଗ୍ରାମରେ ଚଢ଼ାଉ କରି ୧୩୨ ଲିଟର ଦେଶୀ ମଦ ଜବତ କରିଛି । ୨୨୫୦ ଲିଟର ପୋଚ ନଷ୍ଟ କରାଯାଇଛି । ଏହି ମାମଲାରେ ୩ ଜଣଙ୍କ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି। ଅବକାରୀ ଉପ ନିରୀକ୍ଷକ ରମ୍ଭା ବାଗ୍, ଅବକାରୀ ବିଭାଗ କର୍ମଚାରୀ ନିଳାମ୍ବର ନାୟକ, ରାମେଶ୍ୱର ବେହେରା, କୃଷ୍ଣ ଚନ୍ଦ୍ର ସେଠୀ, ସନାତନ ନାହାକ, ସୁବଳ ପ୍ରଧାନ, ଜି.ଭୀମ ପ୍ରମୁଖ ଚଢ଼ାଉରେ ସମିଲ ଥିଲେ।

## ଗଞ୍ଜାମ ସାଂସ୍କୃତିକ ମଞ୍ଚର ବନ୍ଧୁମିଳନ



ଗଞ୍ଜାମ,୨୪।୮(ଡି.ଏନ.ଏ.):ଗଞ୍ଜାମ ସାଂସ୍କୃତିକ ମଞ୍ଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମ ସ୍ଥିତ ଋଷିକୂଲ୍ୟା ମୁହାଁଣ ନିକଟସ୍ଥ ମା' ଗଙ୍ଗାଦେବୀ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଉପଦେଷ୍ଟା ଉମାକାନ୍ତ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ସହରାଞ୍ଚଳରେ ନୂତନ କାଳାକାରମାନଙ୍କୁ ଚୟନ କରି ସେମାନଙ୍କୁ ପ୍ରୋତ୍ସାହନ ଦେବାକୁ ମତ ପ୍ରକାଶ ପାଇଥିଲା। ନାଟ୍ୟ ନିର୍ଦ୍ଦେଶକ ତଥା ଅଧାପକ ଡ. ଗୌରୀ ଶଙ୍କର ଶତପଥୀ, ମଞ୍ଚ ସଭାପତି ଶବର କୁମାର ତରାଇ, ଉପଦେଷ୍ଟା ସୁଧିର କୁମାର ପାଢ଼ୀ, ଗୌରୀ ଶଙ୍କର ବାରିକି, ସନାତନ ବେହେରା, ମ୍ୟାନେଜର ଡି. ଗୋବିନ୍ଦ ରେଡି, ବିଦ୍ୟାଧର ସାହୁ, ରାକେଶ ରଞ୍ଜନ ଦାଶ, ହରିହର ବିଶ୍ୱାଳ, ନିରଞ୍ଜନ ପରିଡ଼ା, ମନୋଜ ପ୍ରଧାନ, ଅରୁଣ କୁମାର ରାଉଳ, ପ୍ରଫୁଲ୍ଲ ସାହୁ, ହରିହର ବାରିକ, କାର୍ତ୍ତିକ ତାରଇ, ପପୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ସିପିଆଇର ସାଙ୍ଗଠନିକ ବୈଠକ

ବ୍ରହ୍ମପୁର ଅଫିସ,୨୪।୮-ଗଞ୍ଜାମ ଜିଲା ସିପିଆଇର ସାଙ୍ଗଠନିକ ବୈଠକ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁ ନେତା ଓ କର୍ମୀମାନେ ପ୍ରସ୍ତୁତ ହେବାକୁ ଆହ୍ୱାନ ଦିଆଯାଇଛି। ପାର୍ଟି କ୍ୟାଡରମାନେ ଲୋକଙ୍କ ନିକଟତର ହେବା ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତି ସମ୍ପର୍କରେ ସଚେତନ କରାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଯୋଗଦେଇ ଜିଲା ପରିଷଦ କର୍ମକର୍ତ୍ତା ଓ ନେତାଙ୍କୁ ନିର୍ବାଚନୀ ରଣନୀତି ମନ୍ତ୍ର ଫୁଙ୍କିଥିଲେ। ଗଞ୍ଜାମ ସିପିଆଇ ସମ୍ପାଦକ ପ୍ରକାଶ ପାତ୍ର ବୈଠକରେ ଅଧକ୍ଷତା କରିଥିବା ବେଳେ ରାଜ୍ୟ ସହ ସମ୍ପାଦକ କ୍ଷିରୋଦ ସିଂହଦେଓ ଏବଂ ପ୍ରଶାନ୍ତ ମିଶ୍ର ଯୋଗ ଦେଇଥିଲେ। ସ୍ୱଳ୍ପ ବୃଷ୍ଟି ଯୋଗୁ ସମଗ୍ର ଜିଲାରେ ରୁଆ ବେଉଷଣ କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଥିବା ଓ ଲକ୍ଷ ଲକ୍ଷ ଚାଷୀ ସଙ୍କଟରେ ପଡ଼ିଥିବାରୁ ଉଦବେଗ ପ୍ରକାଶ କରାଯାଇଥିଲା। ସମ୍ଭାବ୍ୟ ମରୁଡ଼ିର ମୁକାବିଲା ଲାଗି ସରକାର ଆଗୁଆ ଯୋଜନା କରିବାକୁ ଦାବି କରାଯାଇଛି। ଜିଲାରେ ସଂଗଠନ ବିସ୍ତାର ପାଇଁ ସେପ୍ଟେମ୍ବର ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତି ବ୍ଲକରେ କାର୍ଯ୍ୟକ୍ରମ ହେବ ଏବଂ ଜନ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରାଯିବକୁ ନିଷ୍ପତ୍ତି ନିଆଯାଇଛି। ଆଲୋଚନାରେ ଗୋକୁଳ ପଣ୍ଡା, ଶ୍ରୀହର୍ଷ ରଥ, ପ୍ରଦୀପ ସେଠୀ ପ୍ରମୁଖ ଭାଗ ନେଇଥିଲେ।
ପରମେଶ୍ୱର ପାତ୍ର, ସମ୍ପାଦକ ଗୁପ୍ତ ଗୌଡ, ଭାନୁମତୀ ପୂଜାରି, ଚନ୍ଦନ ନାୟକ, ଯୁବ ସଭାପତି ପ୍ରଫୁଲ ଗୌଡ, ଉପଦେଷ୍ଟା କୌଳାସ ଗୌଡ, ସୁଦର୍ଶନ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମରେ ଘରକୁ ଯାଇ ଶିଶୁଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ

ଛତ୍ରପୁର,୨୪।୮(ଡି.ଏନ୍.ଏ.)

କରୋନାର ସମ୍ଭାବ୍ୟ ତୃତୀୟ ଲହରରେ ବିଶେଷକରି ଶିଶୁମାନେ ସଂକ୍ରମିତ ହେବା ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ସ୍ୱରୂପ ମଙ୍ଗଳବାରଠାରୁ ଘରକୁ ଘର ବୁଲି ଶିଶୁଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ପୁଣି ଆରମ୍ଭ ହୋଇଛି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏ ନେଇ ପୂର୍ବରୁ ଏସ୍‌ଓପି ଜାରି କରିଥିଲେ । କରୋନାର ଦ୍ୱିତୀୟ ଲହର ପ୍ରଥମାର୍ଦ୍ଧରେ ମଧ ଗଞ୍ଜାମ ଜିଲାରେ ଶିଶୁମାନଙ୍କର ସ୍ୱତନ୍ତ୍ର ସ୍ୱାସ୍ଥ୍ୟସ୍କ୍ରିନିଂ ଜୁନ୍ ୯ରୁ ଆରମ୍ଭ ହୋଇଥିଲା। ସେତେବେଳେ ମଧ ରାଜ୍ୟରେ ଏହା ପ୍ରଥମ ଥିଲା । ଏବେ ଶିଶୁମାନେ ଅଧିକ ସଂକ୍ରମିତ ହେବା ସମ୍ଭାବନା ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ କହିଛନ୍ତି। ଛତ୍ରପୁର ବ୍ଲକର ବିଭିନ୍ନ ଗାଁଗୁଡିକରେ ଅଙ୍ଗନୱାଡି କର୍ମୀ, ସହାୟିକା ଓ ଆଶାକର୍ମୀମାନେ ଘରକୁ ଘର ବୁଲି ଶିଶୁମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିବା ସିଡିପିଓ କ୍ରିଷ୍ଣାକୁମାରୀ ନନ୍ଦ ସୂଚନା ଦେଇଛନ୍ତି। ଏହି ରିପୋର୍ଟ ଏଏନ୍‌ଏମ୍‌ଙ୍କୁ ଦିଆଯିବ । ସେ ଏହି ରିପୋର୍ଟକୁ ଆର୍‌ଆରଟିକୁ ଦେବେ । ରିପୋର୍ଟ ଆଧାରରେ ଅସୁସ୍ଥ ଶିଶୁଙ୍କ ସ୍ୱାବ ସଂଗ୍ରହ କରାଯିବ । ଶିଶୁ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଲେ ତାଙ୍କୁ ଘରେ କିମ୍ବା ମେଡିକାଲରେ ରଖି ଚିକିତ୍ସା କରାଯିବ ସେ ନିଷ୍ପତ୍ତି ଆର୍‌ଆର୍‌ଟି ନେବେ । ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ହସ୍ପିଟାଲ ସହ ଜିଲା ଚିକିତ୍ସାଳୟରେ ଶିଶୁ ଆଇସୋଲେଶନ ଶଯ୍ୟା ବ୍ୟବସ୍ଥା କରାଯାଇଛି । ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ରହିଛି।



ଶିଶୁଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଉଛି ।

# ମକା ଫସଲ ନଷ୍ଟ କଲେ ବାର୍‌ହା ପଲ



ନଷ୍ଟ ହୋଇଥିବା ମକା ଗଛ।

ବୁଗୁଡ଼ା,୨୪।୮(ଡି.ଏନ.ଏ.)

ବୁଗୁଡ଼ା ବ୍ଲକରେ ହାତୀପଲ ଗୋଟିଏ ପଟରେ ଫସଲ ନଷ୍ଟ କରୁଥିବା ବେଳେ ଅନ୍ୟପଟେ ବାର୍‌ହା ପଲଙ୍କ ଦ୍ୱାରା ବ୍ୟାପକ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ବୁଗୁଡ଼ା ତହସିଲ ବିରଞ୍ଚିପୁର ମୌଜା ଅନ୍ତର୍ଗତ ପଙ୍କଜ ସାହି ଫାର୍ମ ହାଉସ ପରିସରରେ ଥିବା ଭାବଗ୍ରାହୀ ମହାନ୍ତିଙ୍କ କ୍ଷେତରେ ସୋମବାର ରାତିରେ ୫୦ରୁ ଉର୍ଦ୍ଧ୍ୱ ବାର୍‌ହା ପଶି ବ୍ୟାପକ ଭାବେ ମକା ଫସଲ ନଷ୍ଟ କରିଥିଲେ। ଏ ନେଇ ସେ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ମଧ ତାଙ୍କ କ୍ଷେତରୁ ବାର୍‌ହା ପଲ ଫସଲ ନଷ୍ଟ କରିଥିଲେ। ତାଙ୍କର ନଷ୍ଟ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ କରି ସରକାର ସାହାଯ୍ୟ ପ୍ରଦାନ କରିବାକୁ ମଧ ସେ ପତ୍ରରେ ଦର୍ଶାଇଛନ୍ତି।

# ପୁଣି ଖୋଲିବ ଦେଶୀ ମଦଦୋକାନ

## ଲଟେରିରେ ଆନ୍ଧ୍ର ବ୍ୟବସାୟୀଙ୍କୁ ମିଳିଲା ଟେଣ୍ଡର

ପାରଳାଖେମୁଣ୍ଡି,୨୪।୮(ଡି.ଏନ୍.ଏ.)

ଗଜପତି ଜିଲାରେ ପୁଣି ସରକାରୀ ଦେଶୀମଦ ଦୋକାନ ଖୋଲିବ। ସୋମବାର ଏଥିପାଇଁ ଲଟେରୀ ମାଧ୍ୟମରେ ଟେଣ୍ଡର ପ୍ରକ୍ରିୟା ଶେଷ ସରିଛି। ଗତ ୪ବର୍ଷ ହେଲା ପାରଳାଖେମୁଣ୍ଡି ସହର ଓ ନୂଆଗଡ ଏବଂ ୨ବର୍ଷ ହେଲା ଆର୍.ଉଦୟଗିରି ବ୍ଲକରେ ଦେଶୀମଦ ଦୋକାନ ବନ୍ଦ ଥିଲା। ଆନ୍ଧ୍ରର ବ୍ୟବସାୟୀ ପାରଳାଖେମୁଣ୍ଡି ଓ ଆର୍. ଉଦୟଗିରିଠାରେ ଦେଶୀମଦ ଦୋକାନ ଖୋଲିବା ପାଇଁ ଟେଣ୍ଡର ଦ୍ୱାରା ନିଯୁକ୍ତି ହୋଇଛନ୍ତି। ସେହିପରି ନୂଆଗଡ ପାଇଁ ଓଡିଶାର ଜଣେ ବ୍ୟବସାୟୀ ଟେଣ୍ଡର ଦ୍ୱାରା ଦୋକାନ ହାତେଇଛନ୍ତି । ଗଜପତି ଜିଲା ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀ କହିଛନ୍ତି, ସରକାରୀ ବିଜ୍ଞପ୍ତି ପ୍ରକାରେ ପାରଳାଖେମୁଣ୍ଡି ସହରର ଜୋନ ନଂ-୧ ସହ ଆର୍.ଉଦୟଗିରି ଏବଂ ନୂଆଗଡ ପାଇଁ ଟେଣ୍ଡର ପ୍ରକ୍ରିୟାରେ ୫ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୩ଜଣ ଦେଶୀ ମଦ ଦୋକାନ ପାଇଁ ଲଟେରୀ ଉଠାଣ ମାଧ୍ୟମରେ ଅନୁମତି ପାଇଛନ୍ତି। ଏମାନେ ୩ ଜୋନ୍‌ରେ ୧୫ ଲେଖାଏ ସ୍ଥାନରେ ଦେଶୀମଦ ଦୋକାନ କରିପାରିବେ। ତେବେ ଅବକାରୀ ବିଭାଗ ପକ୍ଷରୁ ଆବଶ୍ୟକୀୟ ଯାଞ୍ଚ ପରେ ମଦ ବିକ୍ରି ହେବ। ପାରଳାଖେମୁଣ୍ଡି ଜୋନ ପାଇଁ ମାସିକ ୯ଲକ୍ଷ ଟଙ୍କା ଓ ଆର୍.ଉଦୟଗିରି ଓ ନୂଆଗଡ ପାଇଁ ମାସିକ ୫ଲକ୍ଷ ଟଙ୍କା ଦେୟରେ ଟେଣ୍ଡର ସମାପ୍ତ ହୋଇଛି । ସୋମବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଲଟେରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାରଳାଖେମୁଣ୍ଡି ଜୋନ ନଂ-୧ ଓ ଆର୍.ଉଦୟଗିରି ନିମନ୍ତେ ପି.ରାଜାରାଓ ରେଡ୍ଡୀ ଏବଂ ନୂଆଗଡ ପାଇଁ ଡି.ଲକ୍ଷ୍ମୀ ନାରାୟଣ ସୁବୁଦ୍ଧିଙ୍କ ନାମରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । କାର୍ଯ୍ୟକ୍ରମରେ ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀ, ଡେପୁଟି କଲେକ୍ଟର ସେଖ ସର୍ଦ୍ଦିଗ ପ୍ରମୁଖ ଉପସ୍ଥିତଥିଲେ ।

## ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ
## ଦୂର ନିରନ୍ତର ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କ ସଫଳତା

ଭଞ୍ଜନଗର,୨୪।୮(ଡି.ଏନ.ଏ)

ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟର ଦୂର ନିରନ୍ତର ପାଠ୍ୟକ୍ରମର ସମସ୍ତ ୬୯ ଛାତ୍ରୀଛାତ୍ର ଅଫ୍ ଲାଇନ୍‌ରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଏ-୧ ଗ୍ରେଡରେ ୨ ଜଣ, ଏ-୨ରେ ୬, ବି-୧ରେ ୧୨, ବି-୨ରେ ୨୪, ବି-ସିରେ ୧୬, ବି-ଡ଼ିରେ ୬ ଜଣ ପାଶ୍ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଲାଗି ରେଗୁଲାର ଛାତ୍ରୀଛାତ୍ରଙ୍କ ପରୀକ୍ଷା କରାନ ଯାଇ ଫଳ ପ୍ରକାଶ କରାଯାଇଥିଲା। ମାତ୍ର ସାଇ ଗୁରୁକୁଳର ଛାତ୍ରୀଛାତ୍ର ରେଗୁଲାର ନାମ ଲେଖାରୁ ଶେଷ ମୁହୂର୍ତ୍ତରେ ବଞ୍ଚିତ ହୋଇଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରି ଦୂର ନିରନ୍ତର ପାଠ୍ୟକ୍ରମ ମାଧ୍ୟମରେ ନାମ ଲେଖାଇଥିଲେ। ରାଜ୍ୟରେ ଦୂର ନିରନ୍ତର ମାଧ୍ୟମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ବୋର୍ଡ଼ କର୍ତ୍ତୃପକ୍ଷ ପ୍ରକାଶନ କରି ନ ଥିଲେ । ଯାହାକୁନେଇ ଅସନ୍ତୋଷ ଦେଖା ଦେଇଥିଲା । ସାଇ ଗୁରୁକୁଳ ଛାତ୍ରୀଛାତ୍ରମାନେ ଭଞ୍ଜନଗର ଓ କଟକ ବୋର୍ଡ଼ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ମଧ ସେମାନଙ୍କ କଥା ବିଚାରକୁ ନିଆଯାଇ ନ ଥିଲା। ତେଣୁ ଛାତ୍ରୀଛାତ୍ରମାନେ ପୂର୍ବ ନିଷ୍ପତି ପ୍ରକାରେ ଅଫ୍ ଲାଇନ୍‌ରେ ପରୀକ୍ଷା ଦେଇଥିଲେ ।

# ମହିଳା ସଶକ୍ତୀକରଣ ପାଇଁ ଋଣ ପ୍ରଦାନ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

ବେଗୁନିଆପଡ଼ା,୨୪।୮(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ପରିସରରେ ମିଶନ ଶକ୍ତି ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ଋଣ ପ୍ରଦାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ବ୍ଲକ ସଂଯୋଜକ ଦିଲ୍ଲୀପ ବେହେରା, ଓଏଲମ ବିପିଏମ ଜ୍ଞାନ ରଞ୍ଜନ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୫୦୭ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ୩ ଲକ୍ଷ ଲେଖାଏ ଋଣ ସହାୟତା ପ୍ରଦାନ କରାଯାଇଛି। ଏଥିରେ ୧୧ ବ୍ୟାଙ୍କ ଭାଗ ନେଇଥିଲେ। ଏହି ଅର୍ଥ ରାଶିରେ ମହିଳାମାନେ ନିଜ ଅଞ୍ଚଳରେ ବିଭିନ୍ନ ପ୍ରକାର କୃଷି ଆନୁସଙ୍ଗିକ କୃଷି ଓ ବାଣିଜ୍ୟ ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇ ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବିଧାୟିକା ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା କେ. ରାଜଲକ୍ଷ୍ମୀ ଦୋରା, ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ଗୀତାଞ୍ଜଳି ଭୂୟାଁ, ବିଡିଓ ବେଦବର ପ୍ରଧାନ, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ ଓ ବିଭିନ୍ନ ବ୍ୟାଙ୍କର ମ୍ୟାନେଜରଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# କମ୍ୟୁନିଟି ହଲ୍ ନିର୍ମାଣ ଦାବି



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ ।

ପାରଳାଖେମୁଣ୍ଡି,୨୪।୮(ଡି.ଏନ୍.ଏ.)

ଗୁମ୍ମା ବ୍ଲକ ମୁନିସିଂ ପଞ୍ଚାୟତ ଅନ୍ତର୍ଗତ ଟି.ବାରଙ୍ଗସିଂ ଗ୍ରାମରେ କମ୍ୟୁନିଟି ହଲ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସୋମବାର ଟି.ବାରଙ୍ଗସିଂ ଗ୍ରାମର ବହୁ ମହିଳା ଏକତ୍ରିତ ହୋଇ ପାରଳାଖେମୁଣ୍ଡିଠାରେ ଜିଲାପାଳଙ୍କଠାରୁ ଆରମ୍ଭ କରି ପିଡି ଡିଆରଡିଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଟି.ବାରଙ୍ଗସିଂ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଗ୍ରାମରେ ୧୦୦ ଘର ରହିଛି। ଓଡିଶା ଜିବୀକା ମିଶନ ଅଧୀନରେ ସମସ୍ତ ସଭା ସମିତି ନିୟମିତ ଭାବେ ହେଉଥିବା ବେଳେ ଏସ୍‌ଏଚ୍‌ଜି ମହିଳାମାନଙ୍କ ବୈଠକ ମଧ ନିୟମିତ ଭାବେ ହେଉଛି। ହେଲେ ବୈଠକ ବା ସଭା ସମିତି ପାଇଁ କୌଣସି ହଲ ନ ଥିବାରୁ ଘର ବାରଣ୍ଡା ଓ ଗଛମୂଳେ ବୈଠକ ହେଉଛି। ଯଦି ଗୋଟିଏ କମ୍ୟୁନିଟି ହଲ ନିର୍ମାଣ କରାଯାଏ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମ ତଥା ବୈଠକ ହୋଇପାରିବ। ଜିଲାପାଳ ଓ ପିଡିଙ୍କ କାର୍ଯ୍ୟାଳୟରେ ଟି.ବାରଙ୍ଗସିଂ ଗ୍ରାମର ଏଲିସିବା ମଣ୍ଡଳ, ଏନି ରଇତ, ଆମେସନି ମଣ୍ଡଳ, ସିପୋ ରଇତ ସବିତା ମଣ୍ଡଳ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଯୋଗ ଦେଇଥିଲେ।

## ଯାଦବ ମହାସଭାର ଦାବିପତ୍ର

ଜୟପୁର,୨୪।୮(ସ୍ୱ.ପ୍ର)

କୋରାପୁଟ ଜିଲା ଯାଦବ ମହାସଭା ଜୟପୁର ପକ୍ଷରୁ ଜାତି ଭିତ୍ତିକ ଜନଗଣନା ଦାବି କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର କର୍ମକର୍ତ୍ତାମାନେ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସଭାପତି ମଦନ ମୋହନ ନାୟକ, ଉପ ସଭାପତି ପରମେଶ୍ୱର ପାତ୍ର, ସମ୍ପାଦକ ଗୁପ୍ତ ଗୌଡ, ଭାନୁମତୀ ପୁଜାରି, ଚନ୍ଦନ ନାୟକ, ଯୁବ ସଭାପତି ପ୍ରଫୁଲ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ

ମାଲକାନଗିରି, ୨୪।୮ (ଡି.ଏନ.ଏ. )

ଜମି ବିବାଦକୁ ନେଇ ମାଲକାନଗିରି ଜିଲା ଏମଭି-୯୩ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ସଂଘର୍ଷ ଘଟିଛି। ଏହି ଗ୍ରାମରେ ଦୀର୍ଘଦିନ ଧରି ଜମିବାଡିକୁ ନେଇ ବଙ୍ଗୀୟ ଓ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଦୀର୍ଘ ୪୦ ବର୍ଷ ଧରି ସରକାରୀ ଜମିରେ ବଙ୍ଗୀୟ ସମ୍ପ୍ରଦାୟର ଲୋକେ ଚାଷ କରି ଆସୁଥିବା ବେଳେ ଆଦିବାସୀମାନେ ଏହାକୁ ବିରୋଧ କରୁଥିଲେ। ତେବେ ବଙ୍ଗୀୟମାନେ ନିଜ ଅଧୀନରେ ଥିବା ଜମି ଛାଡିବା ପାଇଁ ପ୍ରସ୍ତୁତ ନ ଥିଲେ। ଏନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଆଜି ବଚସା ହେବାପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହୋଇ ସଂଘର୍ଷ ହୋଇଥିଲା।

# ବନ ସୁରକ୍ଷା ସମିତିର ତାଲିମ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବୁଗୁଡ଼ା,୨୪।୮(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ବନାଞ୍ଚଳ ସଭା ଗୃହରେ ମଙ୍ଗଳବାର ବନ ସୁରକ୍ଷା ସମିତି ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଏଥିରେ ପ୍ରଶିକ୍ଷକ ଭାବେ ଦକ୍ଷିଣ ଘୁମୁସର ବନଖଣ୍ଡର ଜୀବନ ଜୀବିକା ବିଷୟ ବିଶେଷଜ୍ଞ ଶୁଭ୍ରକାନ୍ତ ମିଶ୍ର ଓ ମୃତ୍ୟୁଞ୍ଜୟ ପାଳ ପ୍ରମୁଖ ଯୋଗଦେଇ ୨୦ ବନ ସୁରକ୍ଷା ସମିତିର କର୍ମକର୍ତ୍ତାଙ୍କୁ ତାଲିମ ଦେଇଥିଲେ। ବିଭାଗ ପକ୍ଷରୁ ଏକ ଲକ୍ଷ ଟଙ୍କା ହିସାବରେ ୨୦ ବନ ସୁରକ୍ଷା ସମିତିକୁ ୨୦ ଲକ୍ଷ ଦିଆଯାଇଛି। ଉକ୍ତ ଅର୍ଥରେ ଗ୍ରାମାଞ୍ଚଳର ମହିଳା ଗୋଷ୍ଠୀ, ଗରିବ ଶ୍ରେଣୀର ବ୍ୟକ୍ତି ଓ ସମଦଳ ବ୍ୟକ୍ତି ବିଶେଷମାନେ ସମିତିଠାରୁ କମ ଦରରେ ଋଣ ନେଇ ଯେପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ତାଲିମ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲିପିକାର ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ସୁରେଶ ପ୍ରସାଦ ସରାଫ, ସଂଗ୍ରାମ କେଶରୀ ସାହୁ, ଉମା ଶଙ୍କର ନାୟକଙ୍କ ସମେତ ୨ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ବରିଷ୍ଠ ନାଗରିକ ଦିବସ ପାଳିତ

ରମ୍ଭା, ୨୪।୮

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ସହରର ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ଗାୟତ୍ରୀ ଶକ୍ତିପୀଠ ଓ ସାହିତ୍ୟ ଘର ରମ୍ଭା ଏନ୍‌ଏସିର ମିଳିତ ସହଯୋଗରେ ୨୫ତମ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ସହ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ଶକ୍ତିପୀଠର ପରିବ୍ରାଜକ ଧରମ ଦାସ ବେଦମନ୍ତ୍ର ଧ୍ୱନିପାଠ କରିଥିବା ବେଳେ ଶାନ୍ତିକୁଞ୍ଜର ସଂଗୀତ ଶିଳ୍ପୀ ରବୀନ୍ଦ୍ର ଗୌଡ଼ ଓ ରାଜେଶ ଗୌଡ଼ଙ୍କ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ନାଗରିକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ବାଡତ୍ୟାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭଗବାନ ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବରିଷ୍ଠ ରେଲୱେ ପୋଲିସ ଅଧିକାରୀ ସୁରେଶ କୁମାର ନାହାକ ଏବଂ ମୁଖ୍ୟ ଅତିଥି ଭାବେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଦକ୍ଷିଣ-ପୂର୍ବ ଉପଜୋନ ସଂଯୋଜକ ଡ. ବୃନ୍ଦାବନ ମିଶ୍ର ଯୋଗଦେଇଥିଲେ। ବରିଷ୍ଠ ନାଗରିକ ପୂଜନ କାର୍ଯ୍ୟକ୍ରମରେ ଯୋଗଗୁରୁ ରବୀନ୍ଦ୍ର ବେହେରା, ସମାଜସେବୀ ଭୀମସେନ ବେହେରା, ଉମେଶ କୁମାର ମହାନ୍ତିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ




ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ଆଲୋଚନା ଚାଲିଛି।

ଛତ୍ରପୁର,୨୪।୮(ଡି.ଏନ୍.ଏ.)

ସ୍ଥାନୀୟ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ଓ ସାଇଟ ସେଭରର ମିଳିତ ଆନୁକୂଲ୍ୟରେ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ବିନିତା ସେନାପତି ଯୋଗଦେଇ ଏହି ସହାୟକ ଉପକରଣ ବଣ୍ଟନ କରିଥିଲେ। ଜିଲାର ୩୧୦ ଛାତ୍ରୀଛାତ୍ରଙ୍କୁ ଏହି କିଟ ବଣ୍ଟାଯିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବେଗୁନିଆପଡା, ଛତ୍ରପୁର, ଗଞ୍ଜାମ, ଖଲ୍ଲିକୋଟ ଓ ପୁରୁଷୋତ୍ତମପୁର ବ୍ଲକର ୭୦ ଜଣଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଇଟ ସେଭରର ରାଜ୍ୟ ପ୍ରକଳ୍ପ ମୁଖ୍ୟ ଆକବର ମେହଫୁଜ ଆଲାମ, ପ୍ରକଳ୍ପ ଅଧିକାରୀ ସୁମିତ୍ ସୁମନ କର, ରାଜ୍ୟ ଅନ୍ତର୍ନିବେଶୀ ଶିକ୍ଷାର ପରାମର୍ଶଦାତା ରଞ୍ଜିତା ପଟ୍ଟନାୟକ, ସହରାଞ୍ଚଳ ଚକ୍ଷୁ ସ୍ୱାସ୍ଥ୍ୟ ମୁଖ୍ୟ ନିରଞ୍ଜନ ରାଜ, ସାଇଟ ସେଭରର ଗଞ୍ଜାମ ଜିଲା ପ୍ରକଳ୍ପ ସଂଯୋଜକ ଶାରଦା ପ୍ରସନ୍ନ ଷଡଙ୍ଗୀ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ବି.ଶ୍ରୀନିବାସ, ଜିଲା ସମଗ୍ର ଶିକ୍ଷା ଅଭିଯାନର ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡା, ଅନ୍ତର୍ନିବେଶୀ ଶିକ୍ଷା ଜିଲା ସଂଯୋଜକ ତପନ କୁମାର ସାହୁ, ଏସ୍‌ସି ଏସ୍‌ଟି ସଂଯୋଜକ ଡ.ସରୋଜ ମୋହନ ପାଳ, ଶୈକ୍ଷିକ ସଂଯୋଜକ ଡ.ସନ୍ତୋଷ କୁମାର ପଣ୍ଡା, ବାଳିକା ଶିକ୍ଷା ସଂଯୋଜକ ଜ୍ୟୋତି ପ୍ରକାଶ ରଥ, ପ୍ରୋଗ୍ରାମ ସଂଯୋଜକ ସାବିତ୍ରୀ ବାଳା ଦାଶ ପ୍ରମୁଖ ଯୋଗଦେଇ ଉପକରଣ ବଣ୍ଟନ କରିଥିଲେ। ବ୍ଲକ ଶିକ୍ଷା ସଂଯୋଜକ ପ୍ରଣବ କୁମାର ଶତପଥୀ, ବିଜୟ କୁମାର ବେହେରା, ଏମ.ଡମ୍ବୁରୁ ଦୋରା, ଅଜୟ କୁମାର ସାହୁ, ଅଶ୍ୱିନୀ କୁମାର ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କନ୍ଧମାଳରେ କୋଇଲା, ବକ୍ସାଇଟ୍‌ର ସନ୍ଧାନ

ରାକେଶ କୁମାର ରାଉତ
ଫୁଲବାଣୀ ଅଫିସ, ୨୪।୮

କନ୍ଧମାଳ ଜିଲାରେ ପୂର୍ବରୁ ଖଣିଜ ସମ୍ପଦ ଉତ୍ତୋଳନ କରାଯାଉଥିଲା । ଉତ୍ତୋଳନ ସ୍ଥଳ ଅବା ଖଣି ସଂରକ୍ଷିତ ଜଙ୍ଗଲରେ ଆସୁଥିବାରୁ ଏହାକୁ ବନ୍ଦ କରି ଦିଆଗଲା। ୨୦୦୦ ମସିହାରୁ ଜିଲାରେ ଖଣି ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଏବେ ପୁଣି କାର୍ଯ୍ୟ ଆରମ୍ଭ କରିବାକୁ ସରକାରୀସ୍ତରରେ ଉଦ୍ୟମ ଚାଲିଛି । ଓଡିଶା ସ୍ପେସ ଆପ୍ଲିକେଶନ ସେଣ୍ଟର (ଓରସାକ୍) ଦ୍ୱାରା ବିଭିନ୍ନ ସମୟରେ ଡିଫରେନସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ (ଡିଜିପିଏ) ସର୍ଭେ କରାଯାଉଛି । ସେହିପରି ଖଣି ବିଭାଗର ଭୂତତ୍ତ୍ୱ ଶାଖା ପକ୍ଷରୁ ମଧ୍ୟ ସର୍ଭେ କରାଯାଉଛି। ଜିଲାରେ ଭରପୁର କୋଇଲା ଥିବା ସନ୍ଧାନ ମିଳିଛି । ଫୁଲବାଣୀ–ଗୋଚ୍ଛାପଡା ରାସ୍ତା କଟ୍ରିଙ୍ଗିଆ ଦେଇ ସମ୍ବଲପୁର ପର୍ଯ୍ୟନ୍ତ କୋଇଲା ଖଣି ଥିବା ଅନୁମାନ କରାଯାଉଛି । କୋଇଲା ଥିବା ଜାଣିବା ପରେ ବିଭିନ୍ନ ଖଣି ଉତ୍ତୋଳନକାରୀ ସଂସ୍ଥା ଆସି ତାହାର ଗୁଣ ଏବଂ କେଉଁ ଅବସ୍ଥାରେ ରହିଛି ଆକଳନ କରୁଛନ୍ତି। ସେହିପରି ଜିଲାରେ ବକ୍ସାଇଟର ମଧ୍ୟ ସନ୍ଧାନ ମିଳିଛି । ଏସବୁକୁ ଲକ୍ଷ୍ୟ କଲେ ଜିଲାରେ ପୁଣି ଖଣିଜ ସମ୍ପଦ ଉତ୍ତୋଳନ ହେବାର କାର୍ଯ୍ୟକ୍ରମ ଥିବା ସ୍ପଷ୍ଟ ହେଉଛି ।



କଟ୍ରିଙ୍ଗିଆ ନିକଟ ରାସ୍ତା ପାର୍ଶ୍ୱ ମାଟି ତଳେ ଦେଖା ଯାଉଥିବା କୋଇଲା ।

ଫୁଲବାଣୀରେ ରହିଛି ଖଣି କାର୍ଯ୍ୟାଳୟ। ଏହା ଉଭୟ କନ୍ଧମାଳ ଏବଂ ବୌଦ୍ଧ ଜିଲା ପାଇଁ କାର୍ଯ୍ୟ କରୁଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲାରେ ୨୦୦୦ ମସିହାରେ ଖଣି ଉତ୍ତୋଳନ କାର୍ଯ୍ୟ ବନ୍ଦ ହୋଇଥିଲା । ଏହାପୂର୍ବରୁ ତୁମୁଡିବନ୍ଧ ବ୍ଲକ ବେଲଘରର ବରଗାଁ ଓ ମାଦାଗୁଡ଼ାରେ ଗ୍ରାଫାଇଟ ଉତ୍ତୋଳନ କରାଯାଉଥିଲା। ଯାହାର ମାନ ସର୍ବୋତ୍କୃଷ୍ଟ ୪୦ % । ବୌଦ୍ଧ ଜିଲାର କାଲାସୋଲିଆ,

- ୨୦୦୦ ମସିହାରୁ ବନ୍ଦ ରହିଛି ଖଣି କାର୍ଯ୍ୟ
- ଆସୁଛନ୍ତି ଖଣିଜ ଉତ୍ତୋଳନକାରୀ ସଂସ୍ଥା

ସେକାମାଲରେ କ୍ୱାର୍ଜ(ଧଳା ଚିକ୍ ପଥର) ଏବଂ ସରିଆପାଲିରେ ଗ୍ରାଫାଇଟ ଉତ୍ତୋଳନ ହେଉଥିଲା । ତେବେ ଖଣି ଉତ୍ତୋଳିତ ସ୍ଥାନ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଆସିବାରୁ ଜଙ୍ଗଲ ବିଭାଗର କ୍ଲିୟରାନ୍ସ ମିଳିଲା ନାହିଁ। ତେଣୁ ସରକାର ଏହାକୁ ବନ୍ଦ କରିବାକୁ ବାଧ ହେଲେ । କିଛି ବର୍ଷର ବ୍ୟବଧାନ ପରେ ଏବେ ପୁଣି ସର୍ଭେ ଆରମ୍ଭ ହୋଇଛି । ଜିଲାର କେଉଁ ସ୍ଥାନରେ କ'ଣ ଏବଂ କେତେ ପରିମାଣର ଖଣିଜ ପଦାର୍ଥ ରହିଛି ତାହା ଉପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଖଣି ବିଭାଗର ୩ଟି ଶାଖା ଭୂତତ୍ତ୍ୱ, ବିଶ୍ଳେଷଣ ଏବଂ ଖଣି ଶାଖା କାର୍ଯ୍ୟ କରୁଛି । ଭୂତତ୍ତ୍ୱ ବିଭାଗ ୬ ମାସିଆ ସର୍ଭେ କରୁଛି। କେଉଁଠି କେତେ ପରିମାଣର କ'ଣ ଖଣିଜ ସମ୍ପଦ ରହିଛି ତାହା ଉପରେ ରିପୋର୍ଟ କରୁଛି । ସର୍ଭେ ସମୟରେ ଜିଲାର ଜଙ୍ଗଲ ବିଭାଗ ଅଧିକାରୀ, ରାଜସ୍ୱ ଅଧିକାରୀ ଏବଂ ଖଣି ବିଭାଗର ଅଧିକାରୀ ରହିବା ବାଧ୍ୟତାମୂଳକ କରାଯାଇଛି । ସେହିପରି ଆନାଲିସିସି ଶାଖା କଞ୍ଚାମାଲରେ କେତେ ପରିମାଣର ଖଣିଜ ପଦାର୍ଥ ରହିଛି ତାହା ଦେଖିବ । ଖଣି ଉତ୍ତୋଳନ ହେବା ପରେ ମାଇନିଂ ଶାଖା କାମ କରିବ । ଖଣିଜ ସମ୍ପଦ ସର୍ଭେରେ ଜିଲାର ବେଲଘର ରୁକୁଡିପଟ ପାହାଡରେ ଭରପୁର ବକ୍ସାଇଟ ଥିବା ଜଣାପଡିଛି ।

ଜିଲା ଖଣି ଅଧିକାରୀ ଦୀନବନ୍ଧୁ ପରିଡ଼ା କହିଛନ୍ତି, କନ୍ଧମାଳରେ ୨୧ ବର୍ଷ ହେଲା ଖଣି ଉତ୍ତୋଳନ ବନ୍ଦ ରହିଛି । ନୂତନ ଖଣି ନୀତି ଅନୁସାରେ ପୁଣି ସର୍ଭେ କାର୍ଯ୍ୟ ଚାଲିଛି । ପୂର୍ବରୁ ବକ୍ସାଇଟ, କ୍ୱାର୍ଜ ଥିଲା। ଏବେ ଗ୍ରାଫାଇଟ ଏବଂ କୋଇଲାର ସନ୍ଧାନ ମିଳିଛି। ଖଣି ପୁଣି କାର୍ଯ୍ୟକ୍ଷମ ପାଇଁ ସରକାରଙ୍କ ବିଭିନ୍ନ ସୋପାନ ରହିଛି। ପ୍ରଥମେ ସ୍ଥାନ ଚିହ୍ନଟ ହେବ । ସଂରକ୍ଷିତ ଜଙ୍ଗଲରେ ଥିଲେ କେନ୍ଦ୍ର ଜଙ୍ଗଲ ବିଭାଗ ଏବଂ ଏହାପରେ ନ୍ୟାଶନାଲ ଗ୍ରୀନ ଟ୍ରିବୁନାଲ (ଏନ୍‌ଜିଟି) ପାଖରୁ ଅନୁମତି ଆଣିବାକୁ ପଡିବ । ସରକାର ବିଭିନ୍ନ ବ୍ଲକ କରି ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ଟେଣ୍ଡର ଡାକିବେ । ଏହାପରେ ଖଣି କାର୍ଯ୍ୟ ଚାଲିବ । ତାହା କେବେ ହେବ କହି ହେବନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ, ୪ ଆହତ

**ଖଲ୍ଲିକୋଟ,୨୪।୮(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ବଜାରର ଏକ ଜଳଖିଆ ହୋଟେଲରେ ମଙ୍ଗଳବାର ସଂଘବଦ୍ଧ ଆକ୍ରମଣରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୌରି ନାହାକ ଓ ତାଙ୍କ ବାପା ଭଗି, ସାନଭାଇ ରାମ, ଲକ୍ଷ୍ମଣ। ଶ୍ରୀକୃଷ୍ଣଶରଣପୁର ଗ୍ରାମର ସୌରି ପୂର୍ବରୁ କେତେକ ମକଦ୍ଦମାରେ ସମ୍ପୃକ୍ତ ଥାଇ ଜେଲ ଯାଇଥିଲେ। ଜେଲରୁ ଜାମିନରେ ଫେରିଲା ପରେ କେଶପୁର ଛକରେ ଏକ ଜଳଖିଆ ହୋଟେଲ ଖୋଲି ପରିବାର ପ୍ରତିପୋଷଣ ସହ ଶାନ୍ତିପୂର୍ଣ୍ଣ ଜୀବନ ବିତାଉଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେକ ଦୁର୍ବୃତ୍ତ ମଙ୍ଗଳବାର ହୋଟେଲରେ ପଶି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଖବର ପାଇ ସୌରିଙ୍କ ବାପା ଭଗି, ସାନଭାଇ ରାମ, ଲକ୍ଷ୍ମଣ ପହଞ୍ଚିଥିଲେ। ସେମାନେ ମଧ୍ୟ ଆକ୍ରମଣରୁ ବର୍ତ୍ତିନଥିଲେ। ସମସ୍ତ ଆହତଙ୍କୁ ପ୍ରଥମେ ଖଲ୍ଲିକୋଟ ମେଡିକାଲ ନିଆଯାଇଥିଲା। ସୌରି ଓ ତାଙ୍କ ବାପା ଭଗି ନାହାକଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଖଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ପହଞ୍ଚି ତଦନ୍ତ ଚଳାଇଛନ୍ତି। କିଛିଦିନ ପୂର୍ବେ କେଶପୁର ଛକରେ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆଜିର ଏହି ଘଟଣା ପରେ କେଶପୁର ବଜାରବାସୀ ଆତଙ୍କିତ ହୋଇଛନ୍ତି। ପୋଲିସର ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

### ଉନ୍ନୟନ କାର୍ଯ୍ୟ ନେଇ ମତ ରଖୁଛନ୍ତି ମନ୍ତ୍ରୀ, ବିଧାୟକ

**ଛତ୍ରପୁର,୨୪।୮(ଡି.ଏନ୍.ଏ.):** ୫-ଟି ପଦ୍ଧତିରେ ଜିଲାର ଅନେକଗୁଡିଏ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଏହି ସମସ୍ତ କାର୍ଯ୍ୟକ୍ରମର ପୂର୍ବ ସ୍ଥିତି କିପରି ଥିଲା ଏବଂ ରୂପାନ୍ତରିତ ପରେ ସ୍ଥିତି କ'ଣ ରହିଛି ସେସବୁ ପରଖିବା ସହ ଏହାର କାର୍ଯ୍ୟଧାରାରେ କିଭଳି ପରିବର୍ତ୍ତନ ଆବଶ୍ୟକ ସେ ସମ୍ପର୍କରେ ଜିଲାକୁ ଆସୁଥିବା ମନ୍ତ୍ରୀ ଏବଂ ବିଧାୟକମାନେ ମତାମତ ଦେଉଛନ୍ତି। ଦୁଇଟି ପର୍ଯ୍ୟାୟରେ ମନ୍ତ୍ରୀ ଏବଂ ବିଧାୟକମାନେ ଆସି ସମସ୍ତ ଯୋଜନା ଦେଖି ମତ ରଖିଛନ୍ତି । ଆଗକୁ ଆଉ ୩ ପର୍ଯ୍ୟାୟରେ ମନ୍ତ୍ରୀ ଓ ବିଧାୟକମାନେ ଆସିବେ। ତେଣୁ ଏହାକୁ ଅନ୍ୟ କୌଣସି ଦୃଷ୍ଟିରେ ନ ଦେଖିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ମନ୍ତ୍ରୀ ଓ ବିଧାୟକମାନଙ୍କ ଗସ୍ତ କାର୍ଯ୍ୟକ୍ରମରେ ଜିଲାର ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ସହିତ ତାମ୍ପରା ହ୍ରଦର ବିକାଶ ଓ ମା' ତାରାତାରିଣୀ ମନ୍ଦିର ଚତୁଃପାର୍ଶ୍ୱର ଉନ୍ନତି କାର୍ଯ୍ୟ ପରଖିବା ଏକ ଅଂଶ ବିଶେଷ ରହିଛି । ପର୍ଯ୍ୟଟନସ୍ଥଳର ବିକାଶ ରୂପେ ଏହି ୨ ସ୍ଥାନ ଅନ୍ତର୍ଭୁକ୍ତ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ୧.୦୬ କୁଇଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ

**ଆର,ଉଦୟଗିର,୨୪।୮(ଡି.ଏନ୍.ଏ.):** ମୋହନା ବ୍ଲକର ଅଡ଼ବା ଏବଂ ମୋହନା ଥାନା ପୋଲିସ ସୋମବାର ବେଆଇନ୍ ଚାଲାଣ ହେଉଥିବା ଗଞ୍ଜେଇକୁ ଜବତ କରିବା ସହ ୨୬ ଜଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ପୁଣି ମୋହନା ଥାନାଧିକାରୀ ସୁଜିତ କୁମାର ନାୟକଙ୍କ ନିର୍ଦ୍ଦେଶ ଅନୁଯାଇ କମଳାପୁର ଛକରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ କାର ସହ ୮୯କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅଡ଼ବା ଥାନା ପୋଲିସ ଏକ କାର୍‌ରେ ଚୋରା ଚାଲାଣ ହେଉଥିବା ୧୭ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିଛି। ଏ ନେଇ ମୋହନ ଓ ଅଡ଼ବା ଥାନା ପୋଲିସ ନଂ. ୮୯,୧୬୧/୨୧ରେ ୨ଟି ମାମଲା ରୁଜୁ କରିଛି।

## ସାହିତ୍ୟ, ସଂସ୍କୃତି ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ୍,୨୪।୮

ଓଡିଆ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅବିଭକ୍ତ ଗଞ୍ଜାମର ଭୂମିକା ନେଇ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇସ୍ଥିତ ଷ୍ଟୋରୀ ମିରର୍ ଦ୍ୱାରା ଜିଲାଭିତ୍ତିକ ସାହିତ୍ୟ ସଂଗଠନ ସର୍ଜନ ଯାତ୍ରା ମାଧ୍ୟମରେ ଗଞ୍ଜାମ ଜିଲାର ସାହିତ୍ୟିକଙ୍କୁ ନେଇ ଭର୍ଚୁଆଲ ମାଧ୍ୟମରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ଡ.ଲକ୍ଷ୍ମୀ ନାରାୟଣ ଦାଶ ଯୋଗ ଦେଇ ଓଡ଼ିଶା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଗଞ୍ଜାମର କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ସେ ବିଷୟରେ ଚର୍ଚ୍ଚା କରିଥିଲେ। ଜଗନ୍ନାଥ ସଂସ୍କୃତିରେ ଶରଣ ଶ୍ରୀକ୍ଷେତ୍ର ମାରଦା, ବୁଗୁଡାର ପ୍ରାଚୀନ ସୂର୍ଯ୍ୟ ମନ୍ଦିର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଉତ୍କଳ ସମ୍ମିଳନୀରେ ଗଞ୍ଜାମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟିକ ଡ.ବିଭୁଦତ୍ତ ରାଉତ ସାହିତ୍ୟକୁ କିଭଳି ଅଧିକ ପ୍ରସାର ଓ ଲୋକାଭିମୁଖୀ କରାଯାଇପାରିବ ଓ ନବାଗତ ଲେଖକ ଲେଖିକାମାନେ ପ୍ରତିଯୋଗିତାମୂଳକ ପରିସ୍ଥିତିରେ କିଭଳି ସୁଯୋଗ ପାଇପାରିବେ ସେ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତ୍‌ଲତା ମିଶ୍ର, ଲୋକନାଥ ନାୟକ, କୁଳମଣି ସାହୁ, ସୁଜାତାରାଣୀ ଶତପଥୀ, ବନ୍ଦନା ପଣ୍ଡା ଓ ତପସ୍ୱିନୀ ମିଶ୍ର ପ୍ରମୁଖ 'ବର୍ଷା' ଶୀର୍ଷକକୁ ନେଇ ସ୍ୱରଚିତ କବିତା ପାଠ କରିଥିଲେ।

## ପୁଣି ୩ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୨୪।୮

ଗଞ୍ଜାମ ଜିଲାରେ ମଙ୍ଗଳବାର ପୁଣି ୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଚଳିତ ବର୍ଷ ପଜିଟିଭ ସଂଖ୍ୟା ୨୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଅନନ୍ତେଇ ଗ୍ରାମର ୧୮ବର୍ଷର ଜଣେ ଯୁବତୀଙ୍କ ରିପୋର୍ଟ ପଜିଟିଭ ଆସିଥିବା ବେଳେ ଅନ୍ୟଜଣେ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଗନ୍ଧିଆଗଡ ଗ୍ରାମର ୪୮ବର୍ଷର ଜଣେ ବ୍ୟକ୍ତି ଓ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପଟିଗୁଡା ଗ୍ରାମର ୧୮ବର୍ଷର ଯୁବକଙ୍କ ରିପୋର୍ଟ ପଜିଟିଭ ଆସିଛି। ସେମାନେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରକାଶ। ଗତ କିଛିଦିନ ତଳେ ପୃଥକ ପୃଥକ ଭାବେ ସେମାନେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଅନନ୍ତେଇ ଗ୍ରାମର ସମ୍ପୃକ୍ତ ଯୁବତୀ ଜଣଙ୍କ ଗତ ୧୮ ତାରିଖରୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେହିପରି ଗନ୍ଧିଆଗଡ ଗ୍ରାମର ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଗତ ୧୦ ତାରିଖରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ପଟିଗୁଡ଼ାର ଯୁବକ ଜଣକ ଭୁବନେଶ୍ୱରରେ ରହୁଥିବା ବେଳେ ସେ ଜ୍ୱରରେ ଗତ ୧୩ ତାରିଖରେ ଆକ୍ରାନ୍ତ ହୋଇଥିଲେ। ପରେ ସେ ନିଜ ଗାଁକୁ ଫେରିଥିଲେ। ଜ୍ୱର ନ କମିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଉପରୋକ୍ତ ୩ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଡେଙ୍ଗୁ ପରୀକ୍ଷା ପାଇଁ ପଠାଯାଇଥିଲା। ସମସ୍ତଙ୍କ ରିପୋର୍ଟ ମଙ୍ଗଳବାର ପଜିଟିଭ ଆସିଛି। ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ପଜିଟିଭ ଆସୁଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ମଙ୍ଗଳବାର ଉଭୟ ଗନ୍ଧିଆଗଡ଼ ଓ ଅନନ୍ତେଇ ଗ୍ରାମକୁ ଯାଇଥିବା ବେଳେ ସାନଖେମୁଣ୍ଡି ବ୍ଲକର ଏକ ସ୍ୱାସ୍ଥ୍ୟ ଟିମ୍ ପଟିଗୁଡ଼ା ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ସ୍ଥାନରେ ଜମି ରହୁଥିବା ବର୍ଷା ପାଣିରୁ ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ସୃଷ୍ଟି ହୋଇଥାଏ। ସେହିପରି ଘରେ ମଧ୍ୟ ବିଭିନ୍ନ ଡ୍ରମ୍, ବାଲଟି ଭଳି ପାତ୍ରରେ ଲୋକେ ପାଣି ଜମା କରି ରଖିଥାନ୍ତି। ଫଳରେ ସେଠାରେ ଏଡିସ୍ ମଶା ବଂଶ ବୃଦ୍ଧି ହୋଇଥାଏ। ଏଣୁ ପରିବେଶ ସଫା ସୁତୁରା ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।

## ଦ୍ୱିତୀୟ ଦିନରେ ୨୨୯ ପରୀକ୍ଷା ଦେଲେ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ, ୨୪।୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା ପିଜି ପ୍ରବେଶିକା ପରୀକ୍ଷା ମଙ୍ଗଳବାର ଦ୍ୱିତୀୟ ଦିନରେ ମୋଟ ୨୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପଦାର୍ଥ ବିଜ୍ଞାନରେ ୧୭୦ ଆବେଦନ କରିଥିବା ବେଳେ ୧୧୩ ଜଣ ପରୀକ୍ଷା ଦେଇଛନ୍ତି । ସେହିଭଳି ଏଲଏଲଏମ୍‌ରେ ୪୩ ଆବେଦନକାରୀଙ୍କ ମଧ୍ୟରୁ ୩୯ ପରୀକ୍ଷା ଦେଇଛନ୍ତି, ଇଟିସିରେ ୯ ଆବେଦନ କରିଥିବା ବେଳେ ୮ ପରୀକ୍ଷା ଦେଇଛନ୍ତି । ବାଣିଜ୍ୟରେ ୯୫ ଆବେଦନକାରୀଙ୍କ ମଧ୍ୟରୁ ୬୯ ପରୀକ୍ଷା ଦେଇଛନ୍ତି। ଦ୍ୱିତୀୟ ଦିନର ପରୀକ୍ଷା ନିମନ୍ତେ ମୋଟ ୨୮୪ ଜଣ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨୯ ପରୀକ୍ଷା ଦେଇଥିବା ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ମୃତ ହୋମଗାର୍ଡଙ୍କ ସ୍ତ୍ରୀଙ୍କୁ ଏସ୍‌ପିଙ୍କ ସହାୟତା



ଏସ୍‌ପି ଚେକ୍ ପ୍ରଦାନ କରୁଛନ୍ତି ।

ଛତ୍ରପୁର,୨୪।୮(ଡି.ଏନ.ଏ.)

ଗଞ୍ଜାମ ପୋଲିସ ଜିଲା ଅଧୀନ କବିସୂର୍ଯ୍ୟନଗର ଥାନାରେ କାର୍ଯ୍ୟରତ ଏ.ଅଶୋକ କୁମାର ଦୋରାଙ୍କର ମେ ୯ ତାରିଖରେ ଦେହାନ୍ତ ହୋଇଥିଲା। ମଙ୍ଗଳବାର ତାଙ୍କ ସ୍ତ୍ରୀ ଇ.ଲିପସା ରାଓଙ୍କୁ ୧୭୬୭୦୦ ଟଙ୍କାର ଏକ ଚେକ୍ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ପ୍ରଦାନ କରିଛନ୍ତି। ଗଞ୍ଜାମ ପୋଲିସ ଜିଲାର କାର୍ଯ୍ୟରତ ହୋମଗାର୍ଡମାନେ ଏଥିପାଇଁ ଗୋଟିଏ ଦିନର ଦରମା ଦାନ କରିଥିଲେ ବୋଲି ସୂଚନା ମିଳିଛି। ଚେକ୍ ପ୍ରଦାନ ବେଳେ ଡିଏସ୍‌ପି (ଡିଆଇବି) ଅଜୟ ମିଶ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ସର୍ଜେଣ୍ଟ ସଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଞ୍ଜାମ ଓକିଲ ସଂଘ ସାଧାରଣ ପରିଷଦ ବୈଠକ



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୨୪।୮

ଗଞ୍ଜାମ ଓକିଲ ସଂଘ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ଓକିଲ ସଂଘର ଦୁଇଜଣ ଆଇନଜୀବୀଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିବା ଘଟଣାକୁ ଆଇନଜୀବୀମାନେ ଦୃଢ଼ ନିନ୍ଦା କରିଥିଲେ। ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଦସ୍ୟ ଶିଶିର ପାଢ଼ୀ ଓ ରବି ନାରାୟଣ ମହାପାତ୍ରଙ୍କ ନାମରେ ଜରଡ଼ା ଥାନାରେ ମାମଲା ରୁଜୁ ହୋଇଛି। ଏହି ମାମଲା ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଏହା ସହିତ ଓକିଲ ସଂଘର ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲା ଦୌରାଜଜ ଶଶିକାନ୍ତ ମିଶ୍ରଙ୍କୁ ସାକ୍ଷାତ କରି ଏ ଦିଗରେ ଆଲୋଚନା କରିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବି. ଭାଗୀରଥି ରାଓ, ସମ୍ପାଦକ ପ୍ରଦୀପ ବେହେରା, ଯୁଗ୍ମ ସମ୍ପାଦକ ସୁଧୀର ପାତ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ମୋହନ ସିଂଘାରି, କିଶୋର ବିଶୋୟୀ, ମାଗୁଣି ପଲାଇ, ବସନ୍ତ ପଣ୍ଡା, ନିର୍ମଳ ସାହୁ, କପିଳେଶ୍ୱର ପଟ୍ଟନାୟକ, ଦୀପକ ପଣ୍ଡା, ମନୋଜ ପଟ୍ଟନାୟକ, ଏସ୍. ରାମ କୁମାର, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଦୀପ ପଣ୍ଡା, ଅଶୋକ ଶୁକ୍ଳା, ଅରୁଣ ବିଶ୍ୱାଳ, କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ମା'ଙ୍କୁ ଟାଙ୍ଗିଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ପୁଅ ଗିରଫ

ବୁଗୁଡ଼ା,୨୪।୮(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦରରେ ମା'ଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ମଙ୍ଗଳବାର ପୁଅଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିପଦର ଗ୍ରାମର ରାଜେଶ ମହାରଣା। ମା' ସୁଷମାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ଥାନାରେ ନଂ. ୪୨୧/୨୧ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ରାଜେଶ କୌଣସି କାମଧନ୍ଦା ନକରି ପଇସା ପାଇଁ ମା'ଙ୍କ ସହ ସବୁବେଳେ ଗଣ୍ଡଗୋଳ କରୁଥିଲେ। ରବିବାର ରାତିରେ ଗାଳି ଗୁଲଜ ସହ ଗଣ୍ଡଗୋଳ କରିବାରୁ ରାଜେଶକୁ ତାଙ୍କ ମା' ଘରେ ପୁରାଇ ଦେଇନଥିଲେ। ସୋମବାର ରାଜେଶ ନିଶାସକ୍ତ ହୋଇ ପଇସା ପାଇଁ ମା' ସହ ଝଗଡ଼ା କରିବା ସହ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଏହାକୁ ଦେଖି ରାଜେଶଙ୍କ ଦୁଇ ଭଉଣୀ ପ୍ରତିବାଦ କରି ମା'ଙ୍କୁ ମୁକୁଳାଇ ଥିଲେ।

## ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

**ହତ୍ୟା ଉଦ୍ୟମ ମାମଲା**

ବ୍ରହ୍ମପୁର ଅଫିସ,୨୪।୮

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମନୋଜ କୁମାର ମଙ୍ଗଳବାର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୋଷାଣୀନୂଆଗାଁର ବଳରାମ ଚୌଧୁରୀ ଓ ରକି ଓରଫ ରାକେଶ ପାଢ଼ୀ। ୨୦୧୨ ଜାନୟାରୀ ୨୬ ସନ୍ଧ୍ୟାରେ ତାରିଣୀ କୁମାର ସାହୁଙ୍କୁ ୨ ଜଣ ଯୁବକ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ସେ ଜୀବନ ବିକଳରେ ସେଠାରୁ ଦୌଡ଼ିଥିଲେ। ସମ୍ପୃକ୍ତ ଯୁବକମାନେ ତାଙ୍କ ଉପରେ ବୋମା ପକାଇ ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ସେ ଆହତ ହୋଇଥିଲେ। ଖବର ପାଇ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲା। ଏକ ପ୍ଲଟ ବ୍ୟବସାୟକୁ କେନ୍ଦ୍ରକରି ତାରିଣୀଙ୍କୁ ଏଭଳି ଭାବେ ହତ୍ୟା ଉଦ୍ୟମ ହୋଇଥିଲା। ଅଭିଯୋଗ ପରେ ପୋଲିସ ୧୮/୧୨ ରେ ବଳରାମ ଚୌଧୁରୀ ଓ ରାକେଶ ପାଢ଼ୀଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା। ଘଟଣା ପରେ ପୋଲିସ ବଳରାମକୁ ଗିରଫ କରିଥିବା ବେଳେ ରାକେଶ ଫେରାର ଥିଲେ। ପରେ ବଳରାମଙ୍କୁ କୋର୍ଟରୁ ଜାମିନ ମିଳିଥିଲା। ସେହିପରି ରାକେଶ ମଧ୍ୟ ହାଇକୋର୍ଟରୁ ଜାମିନ ପାଇଥିଲେ। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ଉଭୟ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ୧୦ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଏସିଜେଏମ୍ ଅଭିଯୁକ୍ତ ଦ୍ୱୟଙ୍କୁ ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ କୁମାର ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ ଓ ଟିମି ରେଡ୍ଡୀ ମକଦ୍ଦମା ପରିଚାଳନା କରିଥିଲେ।

## ଟଙ୍କା ଲୁଟ୍ ଘଟଣା, ୩ ଗିରଫ

**୫୪ ହଜାର ଟଙ୍କା ଜବତ**

ଶେରଗଡ଼,୨୪।୮(ଡି.ଏନ୍.ଏ.)

ଶେରଗଡରୁ ଆସିକା ଯିବା ରାସ୍ତାରେ ଗତ ୧୬ ତାରିଖରେ ବାରସିଙ୍ଗିର ମହେଶ୍ୱର ଗୌଡ଼ଙ୍କ ଟଙ୍କା ବ୍ୟାଗ ଲୁଟ ହୋଇଥିଲା। ଏହି ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଲୁଟ ଘଟଣାରେ ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାକରଡ଼ାର ମିଥୁନ ପାତ୍ର ଓ ଧବଳପୁରର ରଞ୍ଜନ ପ୍ରଧାନ ଓ ଅଟୋ ଚାଳକ ଶ୍ରୀରାମ ରାଉତ । ଅଟୋ ସହ ଅଭିଯୁକ୍ତଙ୍କଠାରୁ ୫୪ ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଆସିକା କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବର୍ଷକ ପୂର୍ବେ ମହେଶ୍ୱରଙ୍କ ମଧ୍ୟସ୍ଥତାରେ ରଞ୍ଜନ ସୁନା ଗହଣା ବନ୍ଧା ଦେଇ ମୁନାଙ୍କଠାରୁ ଟଙ୍କା ନେଇଥିଲେ। ପରେ ଉକ୍ତ ଗହଣାକୁ ବିକି ରଞ୍ଜନ ଟଙ୍କା ଶୁଝିବେ ବୋଲି ରଞ୍ଜନ ରାଜି ହୋଇଥିଲେ। ଉକ୍ତ ସୁନା ଗହଣାକୁ ଆସିକାର ଏକ ସୁନା ଦୋକାନରେ ବିକ୍ରି କରାଯାଇଥିଲା। ୧୬ ତାରିଖରେ ରଞ୍ଜନ ଓ ମିଥୁନ ଯୋଜନା କରି ଶ୍ରୀରାମଙ୍କୁ ଡାକି ତାଙ୍କ ଅଟୋରେ ଶେରଗଡ଼ ବାଇପାସ୍ ରାସ୍ତାକୁ ଯାଇଥିଲେ। ମୁନାଙ୍କ ଟଙ୍କା ଦେବା ପାଇଁ ସେଠାକୁ ମହେଶ୍ୱରଙ୍କୁ ଡାକିଥିଲେ। ରଞ୍ଜନ ମହେଶ୍ୱରଙ୍କୁ ୭୭ ହଜାର ଟଙ୍କା ଥିବା ବ୍ୟାଗ ଦେବା ସମୟରେ ମିଥୁନ ଓ ଶ୍ରୀରାମ ତାହାକୁ ଛଡେଇ ନେଇଥିଲେ। ଏ ନେଇ ମହେଶ୍ୱର ଶେରଗଡ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୬୧/୨୧ ପ୍ରକାରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବାଶେରଗଡ଼ରେ ଆସିକା ଏସ୍‌ଡିପିଓ ଉମା ଚରଣ ସିଂ ଓ ଥାନା ଅଧିକାରୀ ମମତା କୁମାରୀ ସାମନ୍ତରାୟ ଏହି ସୂଚନା ଦେଇଛନ୍ତି।

## ପଛୁଆବର୍ଗଙ୍କୁ ମିଳୁନି ସାମ୍ବିଧାନିକ ଅଧିକାର

ବ୍ରହ୍ମପୁର ଅଫିସ,୨୪।୮

ବିଜେଡି ସରକାର ଦୀର୍ଘ ୨୧ ବର୍ଷ ଶାସନରେ ରାଜ୍ୟରେ କେଉଁ ଜାତିର ଜନସଂଖ୍ୟା କେତେ ତାହା ଜାଣିନାହାନ୍ତି। ବିଭିନ୍ନ ଅଞ୍ଚଳରେ ଜାତି ମଧ୍ୟରେ ଅନେକ ଉପଜାତିର ଲୋକ ଅଛନ୍ତି। ନିଜ ଅପାରଗତାକୁ ଲୁଚାଇବା ପାଇଁ ଓଡ଼ିଶାରେ ଜାତିଭିତ୍ତିକ ଜନଗଣନା ପାଇଁ ଦାବି କରୁଛନ୍ତି। ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟ ରାଜନୀତି ପାଇଁ ଏଭଳି ପ୍ରଳାପ କରୁଛନ୍ତି। ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏହି ଟିପ୍ପଣୀ ଦେଇଛନ୍ତି।

ଗଞ୍ଜାମ ଗସ୍ତରେ ଆସିଥିବା ବିଶ୍ୱାଳ ମଙ୍ଗଳବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ନବୀନ ସରକାରଙ୍କର ଯଦି ଓବିସି ପ୍ରେମ ଅଛି, ତେବେ ରାଜ୍ୟରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ତୁରନ୍ତ ଘୋଷଣା କରନ୍ତୁ। ଭୋଟ ବ୍ୟାଙ୍କ ବଢ଼ାଇବା ଉଦ୍ଦେଶ୍ୟରେ ବିଜେଡି କେବଳ ନିର୍ବାଚନରେ ୨୭% ସ୍ଥାନ ସଂରକ୍ଷଣ ଘୋଷଣା ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଥିବା ସେ ସମାଲୋଚନା କରିଛନ୍ତି। ଅନ୍ୟ ରାଜ୍ୟମାନଙ୍କରେ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଓବିସିଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ ହୋଇଥିବା ବେଳେ ଓଡ଼ିଶା ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସୁରଥ ପ୍ରଶ୍ନ କରିଛନ୍ତି।

ଓବିସି ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦେବାରେ ବିଜେଡି ସରକାର ବିଫଳ ହୋଇଥିବା ଅଭିଯୋଗ କରି ବିଶ୍ୱାଳ ଆହୁରି କହିଥିଲେ, ସବୁ କ୍ଷେତ୍ରରେ କେନ୍ଦ୍ରକୁ ଦୋଷ ଦେବା ନବୀନ ସରକାରଙ୍କ ଓ ଶାସକ ଦଳର ଅଭ୍ୟାସ ହୋଇଯାଇଛି। ରାଜ୍ୟରେ ଓବିସି ଫାଇନାନ୍ସ ଆଣ୍ଡ ସମବାୟ କର୍ପୋରେଶନ ଏବେ ଅଚଳାବସ୍ଥାରେ ଅଛି। ୨୦୦୮ରୁ ଏହି ବର୍ଗର ଲୋକେ ସୁବିଧା ପାଇପାରୁନାହାନ୍ତି। ତେଣୁ ପଛୁଆ ବର୍ଗର ଲୋକ ଏକଜୁଟ ହେବା ଏବଂ ସାମ୍ବିଧାନିକ ଅଧିକାର ହାସଲ ନିମନ୍ତେ ତୀବ୍ର ସ୍ୱର ଉତ୍ତୋଳନ କରିବାକୁ ବିଶ୍ୱାଳ ଗୁରୁତ୍ୱ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଓବିସି ମୋର୍ଚ୍ଚା ସଭାପତି ଆଇନଜୀବୀ ମଦନ ମୋହନ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସଂଗଠିତ ହେବାକୁ ସେ ପରାମର୍ଶ ଦେଇଥିଲେ ।

